## ସଂକ୍ଷେପରେ

### ଘର କାନ୍ଥରେ ପିଟି ହେଲା କାର



ବ୍ରହ୍ମପୁର ଅଫିସ,୨୪।୬: ଆଙ୍କୁଲି ଦେଇ ଯାଇଥିବା ଏକ କାର ହଠାତ୍ ଏକ ଘର କାନ୍ଥରେ ପିଟି ହୋଇ ଭାଙ୍ଗିରୁଜି ଯାଇଛି। ଗୁରୁବାର ରାତି ପ୍ରାୟ ସାଢ଼େ ୧୦ଟାରେ ଏହି ଦୁର୍ଘଟଣା ଘଟିଥିବା ବେଳେ କାର୍ ଚାଳକ ସମାନ୍ୟ ଆହତ ହୋଇଛନ୍ତି। ଖବରପାଇ ଟ୍ରାଫିକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କ୍ରେନ ସାହାଯ୍ୟରେ ଉକ୍ତ କାର୍ (ଓଡି୧୭ଏଏ୦୮୮୮)କୁ ବାହାର କରିବା ପରେ ପୋଲିସ ଜବତ କରିଛି। ବେପରୁଆ ଗାଡ଼ି ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିଲା ବୋଲି ଟ୍ରାଫିକ ଥାନା ପୋଲିସ କହିଛି।

### ୮ ଫୁଟର ବୋଡ଼ା ଉଦ୍ଧାର



ଭଞ୍ଜନଗର,୨୪।୬(ଡି.ଏନ.ଏ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ବାରୁଡ଼ା ଗ୍ରାମରୁ ଏକ ୮ ଫୁଟ ଲମ୍ବର ବୋଡା ସାପକୁ ବନ ବିଭାଗ କର୍ମଚାରୀ ଗୁରୁବାର ଉଦ୍ଧାର କରିଛନ୍ତି। ଗ୍ରାମର ଅଜୟ ପ୍ରଧାନ ଘର ବାରିପଟ କୂଅରେ ସାପଟି ରହିଥିବା ପରିବାର ଲୋକେ ଦେଖିଥିଲେ। ତେଣୁ ପରିବାର ଲୋକେ ତୁରନ୍ତ ବନ ବିଭାଗକୁ ଖବର ଦେଇଥିଲେ। ସ୍ନେକ ହେଲ୍ପ ଲାଇନ ସଦସ୍ୟ ସଞ୍ଜୟ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ସୁରକ୍ଷିତ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।

# ତ୍ରିପାକ୍ଷିକ ଆଲୋଚନା ପୁଣି ବିଫଳ

## ଟାଟା କମ୍ପାନୀ ବିରୋଧୀ ଆନ୍ଦୋଳନ ଜାରି

ଛତ୍ରପୁର,୨୪।୬(ଡି.ଏନ.ଏ.)

ନିଯୁକ୍ତି ଦାବି ନେଇ ଟାଟା କମ୍ପାନୀ ବିରୋଧରେ କାଳିପଲ୍ଲୀ ଗ୍ରାମବାସୀଙ୍କ ଆନ୍ଦୋଳନ ୧୪ ଦିନ ବିତିଥିଲେ ସୁଦ୍ଧା କୌଣସି ସମାଧାନର ବାଟ ବାହାରିନି। ଗ୍ରାମବାସୀ ସେମାନଙ୍କ ଜିଦରେ ଅଟଳ ରହିଛନ୍ତି । ହକ୍ ପାଇଁ ଆଗାମୀ ଦିନରେ ଆନ୍ଦୋଳନକୁ ଅଧିକ ତୀବ୍ରତର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପ୍ରତ୍ୟେକ ପରିବାରର ଜଣକୁ ଟାଟା କମ୍ପାନୀ ନିଯୁକ୍ତି ଦେଲେ ପ୍ରକଳ୍ପ କାର୍ଯ୍ୟକୁ ବିରୋଧ କରାଯିବନି ବୋଲି ଗ୍ରାମବାସୀ କହିଛନ୍ତି ।

ଛତ୍ରପୁର ବ୍ଲକ କାଳିପଲ୍ଲୀ ନିକଟ ଟାଟା ଅଧିକୃତ ଜମିରେ ଦୀପକ ଫର୍ଟିଲାଇଜର ପ୍ରକଳ୍ପ ନିମନ୍ତେ ଚାଲିଥିବା କାର୍ଯ୍ୟକୁ ବିରୋଧ କରି ଗ୍ରାମବାସୀ ଗତ ୧୧ ତାରିଖରୁ ଆନ୍ଦୋଳନ ଚଳାଇଛନ୍ତି। ଗତ ୧୭ ତାରିଖରେ ଛତ୍ରପୁରରେ ଜିଲା ପ୍ରଶାସନ, ଟାଟା କମ୍ପାନୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ ତତ୍କାଳୀନ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ସ ବାହାରି ପାରି ନଥିଲା। ଛତ୍ରପୁର ଉପଜିଲାପାଳଙ୍କ ନେତୃତ୍ୱରେ ଏକ ଟିମ ଆନ୍ଦୋଳନସ୍ଥଳକୁ ଯାଇ ଗ୍ରାମବାସୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାକୁ ତତ୍କାଳୀନ ଜିଲାପାଳ ବୈଠକରେ ନିଷ୍ପତ୍ତି ନେଇଥିଲେ। ତେଣୁ ଶୁକ୍ରବାର ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ରଙ୍କ ନେତୃତ୍ୱରେ ଛତ୍ରପୁର ଏସଡିପିଓ ଗୌତମ କିସାନ, ତହସିଲଦାର ପ୍ରକାଶ କୁମାର ମିଶ୍ର, ଚମାଖଣ୍ଡି ଥାନାଧିକାରୀ ସିତାଂଶୁ ଶେଖର ମାନ୍ଧାତା ଓ ଅନ୍ୟାନ୍ୟ ଅଧିକାରୀ ଏବଂ ଟାଟାର କିଛି ଅଧିକାରୀ ପ୍ରକଳ୍ପ ନିକଟରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଦୀର୍ଘ ୩ ଘଣ୍ଟା ଧରି ଆଲୋଚନା କରିଥିଲେ। ଉଭୟ ଉଭୟଙ୍କ ପକ୍ଷ ରଖିଥିଲେ । କିନ୍ତୁ କିଛି ସମାଧାନର ବାଟ ଫିଟିପାରିଲା ନାହିଁ । ଫଳରେ ଆନ୍ଦୋଳନକାରୀ ମାନେ ନିଜ ଜିଦରେ ଅଟଳ ରହିଥିଲେ। ଗ୍ରାମବାସୀ ବିଚାର ବିମର୍ଶ କରି ସେମାନଙ୍କ ଦାବି ଜିଲା ପ୍ରଶାସନ ନିକଟରେ ରଖିବାକୁ ଉପଜିଲାପାଳ ନିବେଦନ କରିଥିଲେ । ଅନ୍ୟପଟେ ଆଲୋଚନାରେ କୌଣସି ସୁଫଳ ମିଳିନଥିବା ଗ୍ରାମବାସୀ କହିଛନ୍ତି। ଟାଟା କମ୍ପାନୀ ଗ୍ରାମର ୧୫ ଜଣଙ୍କୁ ନିଯୁକ୍ତି ଦେବ ବୋଲି କହିଥିଲା। କମ୍ପାନୀର ଏପରି ନିଷ୍ପତ୍ତିକୁ ଘୋର ବିରୋଧ କରାଯାଇଛି ବୋଲି ଗ୍ରାମ୍ୟ କମିଟିର ଡଃ ଜି. ଧର୍ମରାଜୁ ରେଡ୍ଡୀ ଓ ଲମ୍ବୋଦର ରେଡ୍ଡିଙ୍କ ସମେତ ଅନ୍ୟ ଗ୍ରାମବାସୀ ସୂଚନା ଦେଇଛନ୍ତି ।



ଆଲୋଚନା ଚାଲିଛି।

# ପ୍ରମାଣ ଅଭାବରୁ ୬ ଅଭିଯୁକ୍ତ ନିର୍ଦ୍ଦୋଷ

## ଡକାୟତି ଉଦ୍ୟମ ମାମଲା

ବ୍ରହ୍ମପୁର ଅଫିସ,୨୪।୬

ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ) ଶୁକ୍ରବାର ଏକ ଡକାୟତି ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ୬ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଶିବ ଶଙ୍କର ପଟ୍ଟନାୟକ, ବାବୁଲା ପଣ୍ଡା, ପ୍ରଶାନ୍ତ ବେହେରା, ଏଲ. ରାବି ରେଡ୍ଡୀ, ସୁନୀଲ ବେହେରା ଓ ଶିବ ଶଙ୍କର ମହାରଣା।

ପ୍ରକାଶ ଯେ, ୨୦୦୫ ଜାନୁୟାରୀ ୨୮ତାରିଖ ବିଳମ୍ବିତ ରାତିରେ ମୋହଡ଼ା ନାୟକ ତୋଟାରେ ଡକାୟତି ଯୋଜନା ହେଉଥିବା ଦିଗପହଣ୍ଡି ପୋଲିସ ଖବର ପାଇଥିଲା। ପୋଲିସ ସେଠାରେ ଚଢ଼ାଉ କରି ଉପରୋକ୍ତ ୬ ଜଣଙ୍କୁ କାବୁ କରିଥିଲା। ଘଟଣାସ୍ଥଳରୁ ବୋମା, ଖଣ୍ଡା ଓ ବିଭିନ୍ନ ମାରଣାସ୍ତ୍ର ଜବତ ହୋଇଥିଲା। ମାମଲା ନଂ.୧୪/୦୫ରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଏସଆଇ ନୀଳକଣ୍ଠ ମହାପାତ୍ର କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତମାନେ ଜାମିନ ପାଇଥିଲେ। ଶୁକ୍ରବାର ଏହି ମାମଲାର ଶୁଣାଣି ବେଳେ ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୫ଜଣ ସାକ୍ଷୀ ଓ ଚାର୍ଜଶିଟକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଏସିଜେଏମ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ପ୍ରସନ୍ନ ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ରଘୁନାଥ ପ୍ରସାଦ ପାଣିଗ୍ରାହୀ, ସୁଧାଂଶୁ ପଣ୍ଡା, ସୁଶାନ୍ତ ପାଣିଗ୍ରାହୀ ଓ କିଶୋର ସାହୁ ମାମଲା ପରିଚାଳନା କରିଥିଲେ।

# ଅଗ୍ନିପଥ ବାତିଲ ଦାବି କଲା ସଂଯୁକ୍ତ କୃଷକ ମୋର୍ଚ୍ଚା




ପୁରୁଣା ବସ୍ ଷ୍ଟାଣ୍ଡଠାରେ ଆନ୍ଦୋଳନ ଚାଲିଛି।

ବ୍ରହ୍ମପୁର ଅଫିସ,୨୪।୬

ସଂଯୁକ୍ତ କୃଷକ ମୋର୍ଚ୍ଚା ଗଞ୍ଜାମ ଜିଲା କମିଟି ପକ୍ଷରୁ ଅଗ୍ନିପଥ ଯୋଜନା ବାତିଲ ଦାବିରେ ଶୁକ୍ରବାର ପୁରୁଣା ବସଷ୍ଟାଣ୍ଡଠାରେ ପ୍ରତିବାଦ ସଭା କରାଯାଇଛି। ଅଗ୍ନିପଥ ଯୋଜନା ବାତିଲ କରି ଭାରତର ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିବା ସହ ଯୁବକ ଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି ଓ ଠିକା ନିଯୁକ୍ତି ପ୍ରଥାକୁ ବିଲୋପ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଆନ୍ଦୋଳନରେ କୃଷକ ନେତା ପି.ହରିକୃଷ୍ଣ ରେଡ଼ି, ରାଜୀବ ଲୋଚନ ପଣ୍ଡା, ଶଙ୍କର ସାହୁ, ପ୍ରତାପ ନାୟକ, ପପୁନ ସାହୁ, ଅବନୀ ଗୟା, ବିଦ୍ୟାଧର ଜେନା, ବାବୁଲା ନାୟକ, ଲକ୍ଷ୍ମୀ ନୃସିଂହ ରଥ, ରବି ରଥ ପ୍ରମୁଖ ଉପସ୍ଥିତ ଥିଲେ। ଆନ୍ଦୋଳନକୁ ସମର୍ଥନ ଜଣାଇ ସିପିଆଇ ଜିଲା ସଂପାଦକ ପ୍ରକାଶ ପାତ୍ର, ଶ୍ରମିକ ନେତା ପ୍ରତାପ ଚୌଧୁରୀ, ଆମ ଆଦମୀ ପାର୍ଟିର ଆଦିତ୍ୟ ପ୍ରସାଦ ରଥ ଯୋଗ ଦେଇଥିଲେ।

# ପିଲାଟିଏ ଗଛଟିଏ କାର୍ଯ୍ୟକ୍ରମ

ଗଞ୍ଜାମ,୨୪।୬(ଡି.ଏନ.ଏ.)

ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜୟଶ୍ରୀରେ ଶୁକ୍ରବାର ପିଲାଟିଏ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ତହସିଲଦାର ତଥା ଗଞ୍ଜାମ ଏନ୍ଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ କୁମାର ନାୟକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସହ ବର୍ତ୍ତମାନ ଚାରା ରୋପଣର ଆବଶ୍ୟକତା ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିପ୍ର ଚରଣ ସାହୁ, ସଂଯୋଜକ ଭାଗିରଥି ନାୟକ, କନିଷ୍ଠ ଯନ୍ତ୍ରୀ ମାନସ ପଣ୍ଡା, ଚିନ୍ମୟୀ ପୃଷ୍ଟି, ସୁମିତ ବେହେରା, ଶିକ୍ଷୟିତ୍ରୀ ଚିତ୍ରୋତ୍ପଳା ନାୟକ, ଶିକ୍ଷକ ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବାରାକ୍ସ ଚାମ୍ପିୟନ, ଲିଓ ରନର୍ସଅପ



ବିଜୟୀ ଟିମ ସହ ଅତିଥି ଓ ଅନ୍ୟମାନେ।

## ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୨୪।୬

ଗଞ୍ଜାମ ଜିଲା କ୍ରୀଡ଼ାସଂଘ ଆନୁକୂଲ୍ୟରେ ଜିଲା ଫୁଟବଲ ସଂଘ ପକ୍ଷରୁ ଏମକେସିଜି ମେଡ଼ିକାଲ ଗ୍ରାଉଣ୍ଡଠାରେ ଚାଲିଥିବା ଜିଲାସ୍ତରୀୟ ଲିଗ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସର ଶେଷ ମ୍ୟାଚ ବାରାସ୍କ ଟିମ ଓ କରାପଲ୍ଲୀ ଲିଓ ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ବାରାସ୍କ ଟିମ ୪-୦ରେ ବିଜୟ ଲାଭ କରି ଚାମ୍ପିୟନ ବିବେଚିତ ହୋଇଛି। ବାରାକ୍ସ ଟିମର ରାଜେଶ ଦୁଇଟି ଗୋଲ କରିଥିବା ବେଳେ ଅଜିତ ମୁଖୀ ଓ ତ୍ରିଦେବ ମୁଖୀ ଗୋଟିଏ ଲେଖାଏ ଗୋଲ କରିଥଲେ। ମ୍ୟାଚ ଶେଷରେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ସମ୍ମାନିତ ଅତିଥି ଭାବେ ବିଧାୟକ ବିକ୍ରମ କୁମାର ପଣ୍ଡା ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମକେସିଜି ମେଡ଼ିକାଲ କଲେଜ ଅଧ୍ୟକ୍ଷ ଡ଼.ଅବନୀକାନ୍ତ ମିଶ୍ର, ମେଡ଼ିକାଲ ଏନୋଟୋମୀ ବିଭାଗୀୟ ମୁଖ୍ୟ ଡ଼.ସାଗର ପୃଷ୍ଟି,ଏଫଏମଟି ବିଭାଗର କିରନ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଓ ରନର୍ସଅପ ଟିମ ସମେତ ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ଅଭିମନ୍ୟୁ ବେହେରା, ରାଜେଶ କୁମାର ପାତ୍ର, ବିଶ୍ୱନାଥ ପାତ୍ର ଓ ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଜିଲା ଫୁଟବଲ ସଂଘର ପକ୍ଷରୁ ପ୍ରଫୁଲ୍ଲ ପଟ୍ଟନାୟକ, ବସନ୍ତ ପାଣିଗ୍ରାହୀ, ସୁରେନ୍ଦ୍ର ପଟ୍ଟନାୟକ, ଶରତ ଚନ୍ଦ୍ର ମହାପାତ୍ର, ଡ଼.ଆପ୍ପାରାଓ, ବିଜୟ ପଟ୍ଟନାୟକ, ସୀତାରାମ ବେବର୍ତ୍ତା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ସ୍କୁଟିକୁ ମାଡ଼ିଗଲା ଟ୍ରାକ୍ଟର: ମହିଳା ବନରକ୍ଷୀଙ୍କ ମୃତ୍ୟୁ

ବୁଗୁଡ଼ା,୨୪।୬(ଡି.ଏନ.ଏ.)

ବୁଗୁଡା ଉପକଣ୍ଠ ବଡଶଙ୍ଖଠାରେ ଏକ ଟ୍ରାକ୍ଟର ସ୍କୁଟି ଉପରକୁ ମାଡିଯିବା ଫଳରେ ସ୍କୁଟି ଚାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବାଲିପଦର ସେକ୍ସନର ବନରକ୍ଷୀ ଅସ୍ମଦ୍ ବିବି। ତାଙ୍କ ଘର ଭଞ୍ଜନଗର ସହରରେ। ଶୁକ୍ରବାର ଅପରାହ୍ନରେ ଅସ୍ମଦ୍ ବୁଗୁଡ଼ା ବନାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟ ସାରି ସ୍କୁଟି (ନଂ.ଓଡି ୩୨ଏ ୫୫୨୨)ରେ ବାଲିପଦର ଅଭିମୁଖେ ଯାଉଥିଲେ। ବଡଶଙ୍ଖଠାରେ ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର (ନଂ.ଓଡି ୩୨ଏ ୦୩୯୭) ବନରକ୍ଷୀଙ୍କ ସ୍କୁଟିକୁ ମାଡି ଆସି ପ୍ରାୟ ୨୦ ମିଟର ତାଙ୍କୁ ଘୋଷାଡି ନେଇ ଅଟକିଥିଲା। ଦୁର୍ଘଟଣା ପରେ ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଅସ୍ମଦଙ୍କୁ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏ ନେଇ ମୃତା ବନରକ୍ଷୀଙ୍କ ସ୍ୱାମୀ ଟରେଜ୍ ମହମ୍ମଦଙ୍କ ଅଭିଯୋଗ କ୍ରମେ ନଂ.୩୪୯/୨୨ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଚିତ୍ତ ରଞ୍ଜନ ବେହେରା କହିଛନ୍ତି। ଅପରପକ୍ଷରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲୀପ କୁମାର ରାଉତ, ଏସିଏଫ୍ ପ୍ରଭାକର ନାୟକ, ବୁଗୁଡା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ପ୍ରମୁଖ ମେଡିକାଲକୁ ଯାଇ ଦୁଃଖ ପ୍ରକାଶ କରିବା ସହ ଅସ୍ମଦଙ୍କ ମୃତଦେହ ସତ୍କାର ସହଯୋଗ ପାଇଁ ପ୍ରାଥମିକ ଭାବେ ବିଭାଗ ପକ୍ଷରୁ ୧୦ ହଜାର ଟଙ୍କା ତାଙ୍କ ପରିବାରକୁ ଦେଇଛନ୍ତି।

# ସରକାରୀ ପଲିଟେକ୍‌ନିକର ବାର୍ଷିକୋତ୍ସବ

ବ୍ରହ୍ମପୁର ଅଫିସ,୨୪।୬:

ବ୍ରହ୍ମପୁର ସରକାରୀ ପଲିଟେକନିକ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ 'ଅଭିପ୍ସା' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଇଂ. ନିଶାକର ମଲ୍ଲିକ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ସମେତ ନାଲକୋ ଅନୁଗୋଳର ଡେ଼ପୁଟି ମ୍ୟାନେଜର ଇଂ ପ୍ରସନ୍ନ କୁମାର ମଲ୍ଲିକ, ଭୁବନେଶ୍ୱର ନାଲକୋ ଗବେଷଣା କେନ୍ଦ୍ରର ଡେ଼ପୁଟି ଜେନେରାଲ ମ୍ୟାନେଜର ଇଂ.ଅରୁଣ କୁମାର ସାହୁ, ମୁଖ୍ୟବକ୍ତା ଭବେ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼.ରଂଜନ କୁମାର ସ୍ୱାଇଁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଡ଼.ରଂଜନ କୁମାର ସ୍ୱାଇଁ ପିଲାଙ୍କୁ ଜ୍ଞାନ ଆହରଣ ନିମନ୍ତେ ଗବେଷଣାର ତାପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଫେସର ଅନିମା ମିଶ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମେତ ଶିକ୍ଷା ଓ ସମାଜ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ନିର୍ଦ୍ଦିଷ୍ଟ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅଧ୍ୟାପିକା ଆରତୀ ସାରଙ୍ଗୀ ସଭା ପରିଚାଳନାରେ ସହଯୋଗ କରିଥିଲେ।




ମଞ୍ଚାସୀନ ଅତିଥି ବୃନ୍ଦ ।

# ଦୁର୍ଘଟଣାରେ ଜଣେ ମୃତ

ଆସିକା,୨୪।୬(ଡି.ଏନ.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ ଇନ୍ଧନପୁର ନିକଟରେ ଗୁରୁବାର ବିଳମ୍ବିତ ରାତିରେ ମିନିଟ୍ରକ ଧକ୍କାରେ ରାସ୍ତା କଡରେ ଥିବା ଏକ ପିକଅପ ଭ୍ୟାନ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ହେଲପର ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସାରଙ୍ଗଗଡ ଥାନା ଅନ୍ତର୍ଗତ ଗୁଞ୍ଜିବାଡି ଗ୍ରାମର ରାଜ କିଶୋର ଡିଗଲ । ଆହତ ହେଲପର ସାରଙ୍ଗଗଡ ଥାନା ମେକବାଲି ଗ୍ରାମର ଜେସନ ଡିଗାଲଙ୍କୁ ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି । ସୂଚନାଯୋଗ୍ୟ, ପିକଅପ ଭ୍ୟାନ (ଓଡି୦୭ସି-୭୫୯୫)ଟି ଖଲି ବୋଝେଇ କରି ରାଇକିଆରୁ ବ୍ରହ୍ମପୁର ଯାଉଥିଲା । ଇନ୍ଦନପୁର ନିକଟରେ ଗାଡି ଚାଳକ ଓ ହେଲପର ଗାଡି ରଖି ପରିସ୍ରା କରିବାକୁ ଯାଉଥିଲା ବେଳେ ପଛରୁ ଆସୁଥିବା ମିନିଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଚାଳକ ରାଜକିଶୋରଙ୍କ ମୃତ୍ୟୁ ଘଟିଥିଲା । ଖବରପାଇ ଗାଙ୍ଗପୁର ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ଭଞ୍ଜନଗର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି । ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରାଯିବା ସହ ଚାଳକଙ୍କୁ ଗିରଫ କରାଯାଇଛି । ଏ ନେଇ ନଂ.୨୫୧/୨୨ରେ ଏକ ମାମଲା ରୁଜୁ କରାଯାଇଛି। ସବଇନିସପେକ୍ଟର ସୁଧୀର ରଞ୍ଜନ ଦିଗାଲ ମାମଲାର ତଦନ୍ତ କରୁଛନ୍ତି।

# ଆଙ୍କୁଲିରେ ଡ୍ରେନ, ରାସ୍ତା ଲାଗି ଭୂମିପୂଜା



ଡ୍ରେନ, ରାସ୍ତା ନିର୍ମାଣ ପାଇଁ ଭୂମିପୂଜାରେ ଉପସ୍ଥିତ ମେୟର ଓ ଅନ୍ୟମାନେ ।

ବ୍ରହ୍ମପୁର ଅଫିସ,୨୪।୬

ବ୍ରହ୍ମପୁର ମହାନଗର ୪୦ନଂ ୱାର୍ଡ ଆଙ୍କୁଲି ନିଗମ ନଗର ଓ ଶୁଣ୍ଡି ସାହିରେ ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ବିଏମସି ମେୟର ସଂଘମିତ୍ରା ଦଳେଇ ଶୁକ୍ରବାର ଭୂମିପୂଜା କରିଛନ୍ତି। ଏହାସହ ଲକ୍ଷ୍ମୀ ନାରାୟଣନଗର ଠାରୁ ୧୬ନଂ ଜାତୀୟ ରାଜପଥକୁ ସଂଯୋଗ କରାଯାଇଥିବା ସ୍ମାର୍ଟ ରୋଡ ନିର୍ମାଣ କାର୍ଯ୍ୟର ମଧ୍ୟ ସେ ତଦାରଖ କରି ନିର୍ଦ୍ଦିଷ୍ଟ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ନିଗମର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ ଓ କର୍ପୋରେଟର ଭାଗିରଥୀ ମହାରଣା ଉପସ୍ଥିତ ଥିଲେ।

ମେୟର ଓ ଡେପୁଟି ମେୟରଙ୍କ ସହ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଏଲ. ସୁଦାମ ଦାସ, ପୂର୍ବତନ କର୍ପୋରେଟର ଶାନ୍ତି ଦାସ, ଦେବରାଜ ନାୟକ, ପ୍ରାକ୍ତନ କାଉନସିଲର ମୁନା ସେଠୀ, ପୀତବାସ ପ୍ରଧାନ, ପ୍ରଦୀପ ନାୟକ, କ୍ଷିରୋଦ ମଣ୍ଡଳ, ବ୍ରଜ ମୋହନ ପ୍ରଧାନ, ରଂଜିତ ଦାସ, ରାକେଶ ମହାରଣା, ବାବୁଲା ପ୍ରଧାନ, ଅକ୍ଷୟ ଦାସ, ବାବୁଲା ଶତପଥୀ ପ୍ରମୁଖ ଆଲୋଚନା କରିଥିଲେ। ଆଙ୍କୁଲିବାସୀଙ୍କ ପକ୍ଷରୁ ମେୟରଙ୍କୁ ସ୍ୱାଗତ କରାଯାଇଥିଲା।

# ସୁରକ୍ଷାକୁ ଗୁରୁତ୍ୱ ଦେଉଛି ଟିପିଏସ୍‌ଓଡିଏଲ

ବ୍ରହ୍ମପୁର ଅଫିସ,୨୪।୬

ସୁରକ୍ଷା ପ୍ରତିଶ୍ରୁତିବଦ୍ଧ ସ୍ୱରୂପ ଦକ୍ଷିଣ ଓଡିଶାରେ ବିଦ୍ୟୁତ ବିତରଣ ପାଇଁ ଟାଟା ପାୱାର ଓ ଓଡିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ) ପକ୍ଷରୁ ବିଭିନ୍ନ ସୁରକ୍ଷା ପଦକ୍ଷେପ ନିଆଯାଇଛି। ଏହି ଅଭିଯାନରେ ସମସ୍ତ କର୍ମଚାରୀଙ୍କ ସୁରକ୍ଷା ତାମିଲ କାର୍ଯ୍ୟକ୍ରମ, ସମଗ୍ର ସଂସ୍ଥାରେ ଉତ୍ତମ ଢାଞ୍ଚାର ସୁରକ୍ଷା ନୀତି ଓ ଯୋଜନା, ସୁରକ୍ଷା ଟୁଲ୍ସ ଓ ଉପକରଣ ଏବଂ ସୁରକ୍ଷା ଉତ୍କର୍ଷରେ ଉନ୍ନତି ଆଣିବା ପାଇଁ ପ୍ରଯୁକ୍ତିର ବ୍ୟବହାର ହୋଇଛି। ବିଭିନ୍ନ ବର୍ଗ ଯଥା ସୁରକ୍ଷା ଦକ୍ଷତା, ବ୍ୟବହାରଭିତ୍ତିକ ସୁରକ୍ଷା, ଜରୁରୀକାଳୀନ ପ୍ରତିକ୍ରିୟା ଓ ଅଗ୍ନି ସୁରକ୍ଷା ତାଲିମ ଏବଂ କର୍ମଚାରୀ ଓ ବ୍ୟବସାୟୀ ଆସୋସିଏଟସଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଟିପିଏସଓଡିଏଲର ସ୍ୱୟଂ ସଂପୂର୍ଣ୍ଣ ସୁରକ୍ଷା ବିଭାଗ ସହିତ ଅଭିଜ୍ଞ ସୁରକ୍ଷା ଅଧିକାରୀ ସୁରକ୍ଷାକୁ ନିଶ୍ଚିତ କରୁଛନ୍ତି। ବିଭିନ୍ନ କାର୍ଯ୍ୟାଳୟ, ପିଏସଏସରେ କମ୍ପାନୀ ପକ୍ଷରୁ ୧ହଜାର ଡିସିପି ଅଗ୍ନି ନିର୍ବାପକ ରଖାଯାଇଛି। ଦୁର୍ଘଟଣା ବିଷୟରେ ଜଣାଇବା ପାଇଁ କର୍ମଚାରୀ, ବିଏ ଓ ଗ୍ରାହକମାନେ ସୁରକ୍ଷା ପ୍ରହରୀ ଆପକୁ ବ୍ୟବହାର କରୁଛନ୍ତି। ଏହାସହିତ ଅଧିକ ପ୍ରତ୍ୟକ୍ଷ ସଚେତନତା ପାଇଁ କମ୍ପାନୀ ପକ୍ଷରୁ ଉତ୍ସଗୀକୃତ ୱେ ସୁରକ୍ଷା ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ବିଏ ସୁରକ୍ଷା ପରିଚାଳନା ଯୋଜନାର ଅଂଶ ଭାବେ ଟିପିଏସଓଡିଏଲ ପକ୍ଷରୁ ସମସ୍ତ ଡିଭିଜନରେ ସୁରକ୍ଷା କାର୍ଡ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅରବିନ୍ଦ ସିଂହ କହିଛନ୍ତି ଯେ, ସମସ୍ତ କର୍ମଚାରୀ ଓ ଗ୍ରାହକମାନଙ୍କ ସୁରକ୍ଷା ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଦୁର୍ଘଟଣାର ମୁକାବିଲା କରିବା ପାଇଁ ବିଭିନ୍ନ ପଦକ୍ଷେପ ଓ ଅଭିଯାନ ଗ୍ରହଣ କରିଛୁ। ଏକ ସୁରକ୍ଷିତ ସଂସ୍କୃତି ସ୍ଥାପନ କରିବା ପାଇଁ ଆମେ ପ୍ରତିବଦ୍ଧବୋଲି ସେ କହିଛନ୍ତି। ଏଥିସହ ବିଦ୍ୟୁତ ସୁରକ୍ଷା ସଚେତନତାରେ ଉନ୍ନତି ଆଣିବା ପାଇଁ କର୍ମଚାରୀ ଓ ଜନ ସାଧାରଣଙ୍କ ମଧ୍ୟରେ ୩୦୦ ସୁରକ୍ଷା ହ୍ୟାଣ୍ଡବୁକ ଓ ୮୦୦ରୁ ଅଧିକ ବିଦ୍ୟୁତ ସୁରକ୍ଷା ପକେଟ ଗାଇଡ ବଣ୍ଟନ କରାଯାଇଛି। ଟିପିଏସଓଡିଏଲର ପ୍ରତ୍ୟକ୍ଷ ଅଭିଯାନକୁ ୟୁଟିଲିଟି ବର୍ଗରେ ରାଜ୍ୟ ସ୍ତରୀୟ ବିଦ୍ୟୁତ ସୁରକ୍ଷା ପୁରସ୍କାର ୨୦୨୧ର ବିଜେତା ଭାବେ ସମ୍ମାନ ପ୍ରଦାନ କରାଯାଇଥିଲା। ଓଡିଶାରେ ପରିଚାଳିତ ବିଭିନ୍ନ ଉତ୍ପାଦ, ପରିବହନ ଓ ବିତରଣ କଂପାନୀ ଗୁଡିକ ଅନୁସରଣ କରୁଥିବା ସୁରକ୍ଷା ବ୍ୟବସ୍ଥାର ଅନୁଶୀଳନ କରିବା ପାଇଁ ଇଞ୍ଜିନିୟର ଇନ ଚିଫ ତଥା ପ୍ରିନ୍ସପାଲ ଚିଫ ଇଲେକ୍ଟ୍ରିକାଲ ଇନ୍ସପେକ୍ଟରଙ୍କ ଦ୍ୱାରା ସର୍ବକାଳୀନ ପ୍ରଥମ ରାଜ୍ୟ ସ୍ତରୀୟ ସୁରକ୍ଷା ପୁରସ୍କାର ଆୟୋଜନ କରାଯାଇଥିଲା।



ବିଦ୍ୟୁତ କର୍ମଚାରୀଙ୍କ ଦ୍ୱାରା ବିଭିନ୍ନ ସରଞ୍ଜାମ ପ୍ରଦର୍ଶନ।

# ସୁରେଖା କୋଟଗଡ଼ ଲ୍ୟାମ୍ପ୍ସ ସଭାନେତ୍ରୀ



କୋଟଗଡ,୨୪।୬(ଡି.ଏନ୍.ଏ.)

କନ୍ଧମାଳ ଜିଲା କୋଟଗଡ଼ ବ୍ଲକ ସୁବର୍ଣ୍ଣଗିରି ଗ୍ରାମପଞ୍ଚାୟତ ବାଣ୍ଡିଗୁଡା ଗ୍ରାମର ଜିଲା ମହିଳା ବିଜେଡି ସମ୍ପାଦିକା ସୁରେଖା ପାଟମାଝୀ କୋଟଗଡ ଲ୍ୟାମ୍ପ୍ସ ସଭାନେତ୍ରୀ ଭାବେ ମନୋନିତ ହୋଇଛନ୍ତି। ବ୍ଲକର ବାଲେଶ୍ୱର ନାୟକ ଶଙ୍କରସଣ ମହାପାତ୍ର ସାଦବାଣ ବେହେରା ପ୍ରମୁଖଙ୍କ ଉପସ୍ଥିତରେ ନିର୍ବାଚନ ଅଧିକାରୀ ଫଳାଫଳ ଘୋଷଣା କରିଥିଲେ। ପ୍ରସ୍ତାବକ ଶଙ୍କରସଣ ମହାପାତ୍ର ଓ ସମର୍ଥକ ବାଲେଶ୍ୱର ନାୟକ ଓ ସମସ୍ତ ଲ୍ୟାମ୍ପ୍ସ କର୍ମଚାରୀ ଉପସ୍ଥିତ ରହିଥିଲେ।

